# ବସନ୍ତ ବାରତା (କୀଚକ ବଧ)

ବସନ୍ତ ବିଜୟ ବାରତା
ପ୍ରଚରିଲା ଭୁବନେ,
ପାଦପ ଆନୀତ ପତର
ପରଭୃତ ପଠନେ ।।୧ ।।
ଗ୍ରହରାଜ କର୍ଣ୍ଣେ ପଡ଼ିଲା
ଋତୁ-ସମ୍ରାଟ-ଭାଷା,
ଗମିଲେ ସରଳ ପଥରେ
ତେଜି ଦକ୍ଷିଣା ଆଶା ।।୨ ।।
ଶିଶିର ନାଶଇ ପଦ୍ମିନୀ
ଘନ ରବିଙ୍କି ଗ୍ରାସେ,
ଏଣୁ ଋତୁ ପତି ନାମରେ
ରବି ରହିଲେ ତ୍ରାସେ ।।୩ ।।
ଗ୍ରହ ରାଜ୍ୟ ହେଲା ପ୍ରସନ୍ନ
ତହିଁ ଗ୍ରହ ସରବେ
ବିଳସିଲେ ମଣ୍ଡି ବିଗ୍ରହ
ରମ୍ୟ ପ୍ରଭା ବିଭବେ ।।୪ ।।
ପତି ନୀଚଗତି ଦୁଃଖରେ
କ୍ଷୀଣ ଥିଲା ବାସର,
ଫୁଲାଇଲା ମୁଦେ ଶରୀର
ମୁଖ କରି ସୁନ୍ଦର ।।୫ ।।
ହରଷିତ ଦିନ ବର୍ଦ୍ଧନ
ଦେଖି କୋକ ଦମ୍ପତି,
ଆନନ୍ଦ ନ ହୁଏ କାହାର
ଚାହିଁ ପ୍ରିୟ ସମ୍ପତ୍ତି ।।୬ ।।
ଭାନୁ ଯମାଳୟ ଗମନ
ଦେଖି ପଦ୍ମିନୀ ସତୀ,
ବିଷ୍ଣୁପଦ-ସ୍ରୁତ ଜଳରେ
ଝାସିଥିଲା ଝଟତି ।।୭ ।।
ତପ ଫଳେ ଏବେ ସୁନ୍ଦରୀ
ନବ ଜନମ ଲଭି,
ଧ୍ରୁବ-ସମ୍ମୁଖୀନ ପତିଙ୍କ
ହେଲା ପ୍ରିୟ ବଲ୍ଲଭୀ ।।୮ ।।
ବସନ୍ତ ଅତିଥି ପୀରତି
ପାଇ ଅବନୀ ରାଣୀ,
ଯୋଗାଡ଼ି ରଖିଲା ଭଣ୍ଡାରେ
ନାନା ପଦାର୍ଥ ଆଣି ।।୯ ।।
ତରଭୁଜ ଆମ୍ର ପନସ
ନାନା ଖାଦ୍ୟ ସମ୍ଭାର,
ଉପହାର ପାଇଁ ଉଜ୍ଜ୍ୱଳ
ଫୁଲ ମାଣିକ୍ୟ-ହାର ।।୧୦ ।।
ପ୍ରମୋଦ ନିମନ୍ତେ କାନନ
ମଣ୍ଡାଇଲା ଯତନେ,
ମଧୁକ-ମୁକୁତା-ପୁଞ୍ଜରେ
ଚାର-ନୀଳ-ରତନେ ।।୧୧ ।।
ଚନ୍ଦ୍ରମୟ-ସିନ୍ଧୁ-ତରଙ୍ଗ
ଦୋଳା ବରଜି ରଙ୍ଗେ,
ବିଜେ କଲେ ଧୀର ସମୀର
ଚାରୁ ବସନ୍ତ ସଙ୍ଗେ ।।୧୨ ।।
ପୁଷ୍ପଚ୍ଛାୟା ସ୍ନିଗ୍ଧ-ସୁରମ୍ୟ
ପୁଷ୍ପମୟ ମାର୍ଗରେ,
ଆସି ବିହରିଲେ କୁସୁମ-
କୁଞ୍ଜେ ଅନୁରାଗରେ ।।୧୩ ।।
ବିକଶିତ ନବମାଳିକା
ଅର୍ଘ୍ୟ ଧରି ସମ୍ମୁଖେ,
ଚନ୍ଦ୍ରିକା ସୁନ୍ଦରୀ ସ୍ୱାଗତ
କଲା ଚକୋର ମୁଖେ ।।୧୪ ।।
ଉଜ୍ଜ୍ୱଳ ବସନ ଭୂଷଣ
ମନୋହର ବେଶରେ,
ସୁକାନ୍ତି ସୁମୁଖୀ ସତ୍ୱର
ମିଳିଗଲା ପାଶରେ ।।୧୫ ।।
ସୁକୁମାର ବିଶ୍ୱବିଜୟୀ
ଅନୁପମ ସୁନ୍ଦର,
ପୁଷ୍ପମୟ ବେଶେ ମିଳିଲେ
ତହିଁ କୁସୁମ-ଶର ।।୧୬ ।।
ପାଞ୍ଚ ଜଣ ମିଶି ଆମୋଦେ
ବିରଚିଲେ ତାଣ୍ଡବ,
ତାଣ୍ଡବ ନୁହେ ତା ସରସ-
ଫଳ-ପୂର୍ଣ୍ଣ ଖାଣ୍ଡବ ।।୧୭ ।।